# ଉଦ୍‌ବୋଧନ ସଙ୍ଗୀତ

ରଚନା - ସ୍ୱର୍ଗତ ପଣ୍ଡିତ ଗୋଦାବରୀଶ ମିଶ୍ର
କଣ୍ଠ - ମିତାଲି ଚିନାରା

ତୁଙ୍ଗ-ଶିଖରୀ-ଚୂଳ,
କୁଞ୍ଜ କାନନ-ମାଳ,
ପୁଣ୍ୟ ଜଳଧି-ଜଳ
        ଖେଳିଉଠ ସଘନେ;
ପ୍ରାଚୀ ଗଗନ-ଶିରେ,
ଭାସି କନକ ନୀରେ,
ଆସ ତପନ ଉଇଁ
        ଏ ଉତ୍କଳ ଭୁବନେ ।ଘୋଷା।
        ତୁଙ୍ଗ-ଶିଖରୀ-ଚୂଳ ...

ଆହା ଏ ଉତ୍କଳ କିବା ସରଗଭୂମି
ବିଲ ବନ ଶୈଳ ସିନ୍ଧୁ ସୁଷମା ଘେନି !
        ଜନମି ଏ ଦେଶେ ଆଜି,
        ଏ ଜନନୀ କୋଳେ ରାଜି
ଧନ୍ୟ କୋଟି ନର ନାରୀ
        ମରନର ଜୀବନେ।     (୧)
ପ୍ରାଚୀ ଗଗନ-ଶିରେ ...ଏ ଉତ୍କଳ ଭୁବନେ ।ଘୋଷା।
        ତୁଙ୍ଗ-ଶିଖରୀ-ଚୂଳ ...

ତୋ ଭଳି ଜନନୀ ଥାଉଁ, ଜନମଭୂମି,
କି ଦୁଃଖ ଏ ଓଡ଼ିଆର ପରାଣେ ପୁଣି ?
        ମୋହନ ମୂରତି ସେହି
        ଦିଅ ଗୋ ମା' ଆଜି ଫେଇ,
କୋଟିଏ ସନ୍ତାନ ତୋର
        ପ୍ରଣମୁଁ ଏ ଚରଣେ ।     (୨)
ପ୍ରାଚୀ ଗଗନ-ଶିରେ ...ଏ ଉତ୍କଳ ଭୁବନେ ।ଘୋଷା।